ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥଯାତ୍ରା

# ରଥ ନିର୍ମାଣ କାମରେ ବ୍ୟସ୍ତ ମହାରଣା

ବାରିପଦା, ୧୬।୫(ସମିସ)



ଶ୍ରୀକ୍ଷେତ୍ର ପୁରୀ ଭଳି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମଧ୍ୟ ରଥଯାତ୍ରା ପାଇଁ ରଥ ନିର୍ମାଣ ଜାରି ହୋଇଛି। ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ହୋଇଥିବାବେଳେ ଏବେ ରଥଖଳାରେ କାମ ଜୋରସୋରରେ ଚାଲିଛି। ଚଳିତ ବର୍ଷ ଯୋଡ଼ା ଜ୍ୟେଷ୍ଠ ପଡୁଥିବାରୁ କାରିଗରଙ୍କ ହାତରେ ପର୍ଯ୍ୟାପ୍ତ ସମୟ ରହିଛି। ତେଣୁ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବାରିପଦା ରଥ ପଡ଼ିଆରେ ସୁରୁଖୁରୁରେ ଚାଲିଛି ରଥ ନିର୍ମାଣ। ବାରିପଦା ରଥ ପଡ଼ିଆରେ ଶୁଭୁଛି କାଠ ଚିରା ଓ ବାଡ଼େଇବାର ଶବ୍ଦ। ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଚଳିତ ବର୍ଷ ଏପ୍ରିଲ ୨୦ ତାରିଖ ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ ଅନୁକୂଳ ହୋଇଛି। ବାରିପଦା ରଥଯାତ୍ରାର ଏକ ନିଆରା ପରମ୍ପରା ହେଉଛି ପୁରୁଣା ଓ ନୂଆକାଠର ସମ୍ମିଶ୍ରଣ। ନଷ୍ଟ ହୋଇଯାଇଥିବା କାଠକୁ ବାଦ୍ ଦେଇ ବନ ବିଭାଗ ପକ୍ଷରୁ ମିଳୁଥିବା ନୂଆ କାଠକୁ ବ୍ୟବହାର କରାଯାଉଛି।

ଚଳିତ ବର୍ଷ ଅଧିକ ଏକମାସ ସମୟ ମିଳୁଥିବାରୁ ରଥ ନିର୍ମାଣ ଶାନ୍ତିପୂର୍ଣ୍ଣ ଭାବେ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ତାଳଧ୍ୱଜ ଓ ଦେବଦୋଳନ ରଥର ଚକ ଲାଗି ସାରିଥିବାବେଳେ ନନ୍ଦିଘୋଷ ରଥର ଚକଡ଼ା କାର୍ଯ୍ୟ ଆରମ୍ଭ ହୋଇଛି। ୧୪ ଜଣ ବାରଛିଆ, ୫ ଜଣ ମହାରଣା ଏବଂ ଜଣେ ଦଉଡ଼ି ବୋଳା କାରିଗରଙ୍କୁ ନେଇ ରଥମହାପାତ୍ର ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ଉପଜିଲ୍ଲାପାଳ ମଧ୍ୟ ସମୟ ସମୟରେ ରଥଖଳା ବୁଲି ସ୍ଥିତି ଯାଞ୍ଚ କରୁଛନ୍ତି। ଏଥର ଯୋଡ଼ା ଜ୍ୟେଷ୍ଠ ମାସ ଥିବାରୁ ଆମକୁ ପ୍ରାୟ ମାସେ ଅଧିକ ସମୟ ମିଳିଛି। ପ୍ରବଳ ଖରା ପାଇଁ ଆମେ ସକାଳ ୧୧ଟାରୁ ୪ଟା ଯାଏଁ କାମ ବନ୍ଦ ରଖୁଛୁ। ହାତରେ ସମୟ ଥିବାରୁ ଅବଧି ପୂର୍ବରୁ ନିର୍ମାଣ ଶେଷ ହେବ ବୋଲି ରଥ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ରଥ ମହାରଣା ରବୀନ୍ଦ୍ର ମହାରଣା କହିଛନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ କାରିଗରଙ୍କ ଉତ୍ସାହ କମିନାହିଁ। ଆଗକୁ ମଳମାସ ଆସୁଥିଲେ ମଧ୍ୟ ରଥଯାତ୍ରା ପୂର୍ବରୁ ପ୍ରସ୍ତୁତି ସରିବ ବୋଲି ଆଶା କରାଯାଉଛି। ଇତିହାସରେ କେବେ ମଧ୍ୟ ବାରିପଦା ରଥଯାତ୍ରା ନୀତିରେ ବିଭ୍ରାଟ ଘଟିନାହିଁ। ଚଳିତ ବର୍ଷ ମଧ୍ୟ ମହାପ୍ରଭୁଙ୍କ କୃପାରୁ ସବୁକିଛି ଶୃଙ୍ଖଳିତ ହେବ ବୋଲି କହିଛନ୍ତି ପୂଜା ପଣ୍ଡା ଅମ୍ରିତ କୁମାର ମିଶ୍ର ରବିବାର ୧୭ ତାରିଖରୁ ମଳମାସ ଆରମ୍ଭ ହେଉଛି। ମାତ୍ର ରଥଯାତ୍ରା ନୀତି ନିର୍ଘଣ୍ଟ ଅନୁସାରେ ହିଁ ହେବ। ମହାପ୍ରଭୁଙ୍କ ଅପାର କରୁଣାରୁ ବଡ଼ଦାଣ୍ଡରେ ସଠିକ୍ ସମୟରେ ରଥ ଗଡ଼ିବ, ଏଥିରେ କୌଣସି ସନ୍ଦେହ ନାହିଁ। ହସ୍ତଶିଳ୍ପ ଓ ପରମ୍ପରାର ମିଳନସ୍ଥଳୀ ହେଉଛି ବାରିପଦା ରଥଖଳା। ଏବେ କେବଳ ଅପେକ୍ଷା ସେହି ଶୁଭ ଦିନକୁ, ଯେବେ ତିନି ରଥରେ ବିଜେ କରି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ଭାଇଭଉଣୀଙ୍କୁ ସାଙ୍ଗରେ ଧରି କାଳିଆ ସାଆନ୍ତ।

## ଏମ୍‌ସିଏମ୍ ପକ୍ଷରୁ ଗବେଷଣା ସଫଳତା ପାଇଁ ସମ୍ବର୍ଦ୍ଧନା ସଭା




**ବାରିପଦା, ୧୬।୫(ସମିସ):** ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଆଜି କଲେଜର ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସଫଳ ଗବେଷଣାର୍ଥୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ ସୁଶୀଳ କୁମାର ଦତ୍ତ ଯୋଗଦେଇ କହିଥିଲେ, ଗବେଷଣା ହେଉଛି ଜ୍ଞାନର ନୂତନ ଦିଗ ଉନ୍ମୋଚନର ମାଧ୍ୟମ। ଯୁବ ଗବେଷକ ଆଗାମୀ ସମାଜର ବୈଜ୍ଞାନିକ ଭିତ୍ତିକୁ ସୁଦୃଢ଼ କରିବେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ୍ ଷ୍ଟଡିଜ ସଦସ୍ୟା ଡଃ ପୁଷ୍ପରାଣୀ ପାତ୍ର କହିଥିଲେ, ଗବେଷଣା କେବଳ ଡିଗ୍ରୀ ପାଇଁ ନୁହେଁ, ସମାଜ ଓ ମାନବ ଜାତିର କଲ୍ୟାଣ ପାଇଁ ହେବା ଉଚିତ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ବିଷ୍ଣୁପ୍ରିୟା ହାଁସଦା ଓ ପ୍ରଫେସର ଡଃ ସଂଘମିତ୍ରା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗବେଷଣାର ଗୁରୁତ୍ୱ, ଆନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରବନ୍ଧ ପ୍ରକାଶନର ଆବଶ୍ୟକତା ଓ ନୂତନ ପିଢ଼ିକୁ ଉଚ୍ଚଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଜଣାଇଥିଲେ। ଏ ଅବସରରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ରୂପମଞ୍ଜରୀ ବେହେରା, ଅଧ୍ୟାପକ କିର୍ତ୍ତୀ କୌଶିକ ନାୟକ, ଅଧ୍ୟାପିକା ଏନ୍ ବିଜୟଲକ୍ଷ୍ମୀ ସ୍ୱାଇଁ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ କେଶରୀ ପ୍ରସାଦ ମହାନ୍ତି, ପିଜି ଶେଷ ବର୍ଷର ଛାତ୍ରୀ ସୋନାଲି ଓଝା, ସ୍ୱସ୍ତିକା ଦାଶ, ମଧୁମିତା ବେହେରା ଓ ଅଙ୍କିତା ସାହୁଙ୍କୁ ଆନ୍ତର୍ଜାତିକ ଜର୍ଣ୍ଣାଲରେ ସେମାନଙ୍କର ଗବେଷଣା ପ୍ରବନ୍ଧ ପ୍ରକାଶ ପାଇଁ ସମ୍ମାନିତ କରାଯାଇଥିଲା। ବିଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମକୁଣ୍ଡ ଜଳପ୍ରପାତରେ ଫସିଥିବା ମହିଳା ଉଦ୍ଧାର



**ମହୁଲଡିହା, ୧୬।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ଜଳ ପ୍ରପାତରେ ପଡ଼ିଯାଇଥିବା ମହିଳାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ମହିଳା ଜଣକ ହେଉଛନ୍ତି ସାବିତ୍ରୀ ମହାନ୍ତ(୫୭)। ତାଙ୍କ ଘର ପାଟଣା ବ୍ଲକ ଅନ୍ତର୍ଗତ ଘାଟବାଲିଯୋଡି ଗ୍ରାମର ବୋଲି ଜଣାପଡ଼ିଛି। ସେ କେଉଁ କାରଣରୁ ଏହି ଜଳପ୍ରପାତ କୁଣ୍ଡରେ ପଡ଼ିଯାଇଥିଲେ ଜଣାପଡ଼ିନାହିଁ। ବୈତରଣୀ ନଦୀ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସୀମା ନିର୍ଦ୍ଧାରଣ କରୁଛି। ସେ ପ୍ରାୟ କେନ୍ଦୁଝର ପଟୁ କୌଣସି କାରଣ ବଶତଃ ଖସିପଡ଼ି ନଦୀରେ ଭାସି ଯାଇ ଭୀମକୁଣ୍ଡର ସାନକୁଣ୍ଡରେ ଏକ ପଥରକୁ ଜାବୁଡ଼ି ରହିଯାଇଥିଲେ। ମହିଳା ଜଣକ ଭୀମକୁଣ୍ଡର ମୁଖ୍ୟ କୁଣ୍ଡ ଓ ସାନ କୁଣ୍ଡ ମଧ୍ୟରେ ଏକ ପଥରକୁ ଧରି ଦୁଇ ଘଣ୍ଟା କାଳ ଲଟକି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ପଥର ସନ୍ଧିରୁ ମହିଳାଙ୍କ ଚିତ୍କାର ଶୁଣି କେହି ପାଖରେ ଥିବା ଲୋକ ଦେଖିବା ପରେ ଖବର ପ୍ରଘଟ ହୋଇଥିଲା। ଉଭୟ ଜିଲ୍ଲାରୁ ସ୍ଥାନୀୟ ଲୋକେ ଦେଖିବା ପାଇଁ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଯୁବକ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରିଥିଲେ। ଦମକଳ ବାହିନୀ ଗାଡ଼ିରେ ସାବିତ୍ରୀଙ୍କୁ ପାଟଣା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

## ଜୁନ୍ ୭ରେ ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ

**ବାରିପଦା, ୧୬।୫(ସମିସ):** ଚଳିତ ବର୍ଷ ମ୍ୟାଟ୍ରିକ, +୨ ଓ +୩ ପରୀକ୍ଷାରେ ସଫଳତା ହାସଲ କରିଥିବା କୁଡୁମୀ ମହାନ୍ତ ଜାତିର ଛାତ୍ରଛାତ୍ରୀଙ୍କୁ ପୂର୍ବବର୍ଷ ଭଳି ଚଳିତବର୍ଷ କୁଡୁମୀ ଶିକ୍ଷକ ମଞ୍ଚ, ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଉକ୍ତ ସମ୍ବର୍ଦ୍ଧନା ସଭା ଆଗାମୀ ଜୁନ ୭ ତାରିଖ ଦିନ ଅନୁଷ୍ଠିତ ହେବ। ସମ୍ବର୍ଦ୍ଧନା ସଭାରେ କୁଡୁମୀ ଜାତିର ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ, ଡାକ୍ତର ଭଳି ସଫଳ ହୋଇଥିବା ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବେ। ଏଥିସହିତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଦିଗଦର୍ଶନ ପାଇଁ କ୍ୟାରିୟର କାଉନସେଲିଂ ମଧ୍ୟ କରାଯିବ। ଓଡ଼ିଶାର କଟକ, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ବାସ କରୁଥିବା କୃତୀ କୁଡୁମୀ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ। କୃତୀ ଛାତ୍ରଛାତ୍ରୀ ସଂଗଠନ ପକ୍ଷରୁ ଜାରି କରାଯାଇଥିବା ମୋବାଇଲ ଓ ହ୍ୱାଟ୍ସଆପ ନମ୍ବରରେ ଆଗୁଆ ନାମ ପଞ୍ଜୀକରଣ ପାଇଁ ସଂଗଠନ ପକ୍ଷରୁ ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅନୁରୋଧ କରିଛନ୍ତି।

## କୁଳିଅଣା ବ୍ଲକ୍ ସରକାରୀ ଠିକାଦାର ସଂଘ ବୈଠକ



**କୁଳିଅଣା, ୧୬।୫(ସମିସ):** କୁଳିଅଣାସ୍ଥିତ ରାଜୀବ ଗାନ୍ଧୀ ଭବନଠାରେ କୁଳିଅଣା ବ୍ଲକ ସରକାରୀ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳିଅଣା ବ୍ଲକ ଠିକାଦାରଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଯେକୌଣସି ଡିପାର୍ଟମେଣ୍ଟର ଟେଣ୍ଡରକୁ ଶତକଡା ୧ ପ୍ରତିଶତ ଲେସ୍‌ରେ ଟେଣ୍ଡର ପକାଇବାର ନିଷ୍ପତି ଗ୍ରହଣ ହୋଇଛି। ଯଦି ଏଥିରେ କୌଣସି ଠିକାଦାର ଖିଲାପ କରନ୍ତି, ସଂଘ ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଗୌରପ୍ରସାଦ ପାତ୍ର, ସମ୍ପାଦକ ଭାବେ ତରୁଣ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ସଚିନ କୁମାର ବସା ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ଭାବେ ମାଧବ ଚନ୍ଦ୍ର ପାଲବାବୁ, ତାରାପଦ ନାଥ, ଆଶିଷ କୁମାର ଦଳବେହେରା, ମନୋରଞ୍ଜନ ଧୀର, ନାରାୟଣ ଶେଜପଡ଼ା ମନୋନୀତ ହୋଇଛନ୍ତି। ଏହି ବୈଠକରେ ଜିଲ୍ଲା ସଂଘର ନନ୍ଦଲାଲ ମିଶ୍ର, କୁମୁଦ ମିଶ୍ର, ସନ୍ଦୀପ କୁମାର ପତି, ଜୟନ୍ତ ଲେଙ୍କା, କପିଳ ଖଣ୍ଡେଲୱାଲ, ଦେବାଶିଷ ବାରିକ, ପ୍ରଦୀପ କୁମାର ଲେଙ୍କା, ସୋରଜ ମହାକୁଡ଼, ପ୍ରିୟଦର୍ଶୀ ଜେନା, ଶାନ୍ତନୁ ସେଠୀ ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ଠିକାଦାର ଉପସ୍ଥିତ ଥିଲେ।

## ସ୍ୱାମୀଙ୍କ ପାଇଁ ବ୍ରତ ପାଳିଲେ ମହିଳା




**ବାରିପଦା, ୧୬।୫(ସମିସ):** ସତ୍ୟବାନ, ଜଙ୍ଗଲ, ସାପ, ସାବିତ୍ରୀ, ଯମ, ସତୀତ୍ୱ, ଶତପୁତ୍ର, ଦୁହିତାର ପୁରାଣ ବର୍ଣ୍ଣିତ ପରୀକ୍ଷାର ସାମାଜିକ ପ୍ରଥା 'ସାବିତ୍ରୀ ବ୍ରତ' ବାରିପଦାର ପାଲବଣି ମା' ତାରିଣୀ ପୀଠରେ ମହିଳାମାନେ ପାଳନ କରିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂଜକଙ୍କ ସହଯୋଗରେ ମହିଳାମାନେ ମଧ୍ୟାହ୍ନ ପୂର୍ବରୁ ପୂଜାର୍ଚ୍ଚନା କରି ସ୍ୱାମୀ ଓ ପରିବାରବର୍ଗଙ୍କ ଦୀର୍ଘାୟୁ କାମନା ସହ ଆଶିଷ ଭିକ୍ଷା କରିଛନ୍ତି। ଆଖପାଖ ଅଞ୍ଚଳର ଶତାଧିକ ମହିଳା ପୂଜା କରିଛନ୍ତି। ପୂଜକ ଶ୍ରୀକାନ୍ତ ବୋଷ, ତାଙ୍କ ପରିବାର ସୁବାଶିଷ ବୋଷ ଓ ମୌସୁମୀ ବୋଷଙ୍କ ଉଦ୍ୟମରେ ଶାନ୍ତିଶୃଙ୍ଖଳରେ ମହିଳାମାନେ ପୂଜା କରିଛନ୍ତି। ଶ୍ରଦ୍ଧାଳୁ ଅର୍ଚ୍ଚନା ପାହି, ଚିନ୍ମୟୀ ନାୟକ, ରଶ୍ମି ମିଶ୍ର, ପୂଜା ପାଲ, ସଂଯୁକ୍ତା ଦତ୍ତ, ସସ୍ମିତା ଜେନା, ପ୍ରୀତି ପାଲ, ପ୍ରଭାମୟୀ ପଣ୍ଡା, ଶିବାନୀ ଜେନା, ସରୋଜିନୀ ଷଡ଼ଙ୍ଗୀ, ସୁଲେଖା ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

**କୁଳିଅଣା:** ଆଜି ସାବିତ୍ରୀ ବ୍ରତ ପାଇଁ ସବୁଆଡେ ଚଳଚଞ୍ଚଳ ଥିବାବେଳେ କୁଳିଅଣାରେ ମଧ୍ୟ ଏହା ପରିଲକ୍ଷିତ ହୋଇଛି।



ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିଥା'ନ୍ତି। ଏହି ଦିନ ସଧବା ମହିଳା ନୂଆ ଲୁଗା ପରିଧାନ କରି ବିଭିନ୍ନ ପ୍ରକାର ଫଳମୂଳ ଓ ପୂଜା ସାମଗ୍ରୀ ଧରି ମନ୍ଦିର, ପୂଜାସ୍ଥଳକୁ ଯାଇ ସ୍ୱାମୀଙ୍କ ପାଇଁ ପୂଜା କରିବା ସହିତ ଫଳ ମୂଳ ଖାଇଥା'ନ୍ତି। ଏ ଅବସରରେ କୁଳିଅଣାରେ ବିଭିନ୍ନ ମନ୍ଦିରରେ ସକାଳରୁ ମହିଳାଙ୍କ ଭିଡ଼ ଲାଗି ରହିଥିବା ଦେଖାଯାଇଥିଲା। କୁଳିଅଣା ଥାନା ମନ୍ଦିର, ପ୍ରତାପପୁର ଶୈବପୀଠ, ହନୁମାନ ମନ୍ଦିର ଓ ଘରମାନଙ୍କରେ ପୂଜା ହୋଇଥିବାବେଳେ ସ୍ଥାନୀୟ ଦୁର୍ଗାମଣ୍ଡପରେ ସ୍ଥାନୀୟ ମହିଳା ଘଟ ଓ ବିଭିନ୍ନ ଡାଳ ସ୍ଥାପନ କରି ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଇଥିଲେ। ପ୍ରତ୍ୟେକ ସ୍ଥାନରେ ବହୁ ସଂଖ୍ୟାରେ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ପୂଜାର୍ଚ୍ଚନା କରିଥିଲେ।

**ସାରସକଣା:** ଓଡ଼ିଆ କୁଳବଧୂଙ୍କ ଆସ୍ଥା ଓ ବିଶ୍ୱାସର ମହାନ ପର୍ବ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ମୟୂରଭଞ୍ଜ



ଜିଲ୍ଲା ଉପରଭାଗ ଇଲାକାର ପ୍ରମୁଖ ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ରରେ ସାବିତ୍ରୀ ବ୍ରତଧାରିଣୀଙ୍କ ବିପୁଳ ସମାଗମ ଦେଖିବାକୁ ମିଳିଥିଲା। ବଡ଼ି ଭୋରରୁ ଉତ୍ତର ଓଡ଼ିଶା ଉପାନ୍ତ ଗ୍ରାମାଞ୍ଚଳର ଶତାଧିକ କୁଳବଧୂ ଦେଉଳରେ ପହଞ୍ଚି ଶୃଙ୍ଖଳିତ ଭାବେ ଦଳଦଳ ହୋଇ ସଙ୍କଳ୍ପରେ ବସି ପତି ପରମେଶ୍ୱରଙ୍କ ଦୀର୍ଘ, ମଙ୍ଗଳମୟ ଓ ସୁଖୀଜୀବନ ଲାଗି ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚରଣାରବିନ୍ଦରେ ପୂଜାର୍ଚ୍ଚନା କରିଥିଲେ। ଦେଉଳ ପୁରୋହିତ ପଣ୍ଡିତ ମନୋଜ ରଞ୍ଜନ ଦାଶ, ଅକ୍ଷୟ କୁମାର କର, ଦିବ୍ୟସୁନ୍ଦର କର ଓ ଅତନୁ କର ପ୍ରମୁଖ ବେଦମନ୍ତ୍ର ପାଠକରି ବ୍ରତଚାରିଣୀଙ୍କ ଭକ୍ତି ନିବେଦନ ଧୂପ, ଦୀପ, ପୁଷ୍ପ, ଫଳ, ନଡ଼ିଆ ଆଦି ପୂଜାସାମଗ୍ରୀ ଦିଅଁଙ୍କ ପଦ୍ମପାଦରେ ସମର୍ପଣ ପୂର୍ବକ ପୂଜାରିଣୀଙ୍କ ନିମନ୍ତେ କୃପାଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ସଦସ୍ୟ/ସଦସ୍ୟା ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଦାସ, ପ୍ରତିଭା ସାହୁ, ନାରାୟଣ ମହାକୁଡ଼, ପ୍ରଶାନ୍ତ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ଦେବୁ ସାହୁ, ନବକିଶୋର ସେଠୀ ଓ ରାଜେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ବାରିପଦା:** ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଶନିବାର ବାରିପଦା ସହର ବିଭିନ୍ନ ମନ୍ଦିରରେ ମାନସିକଧାରୀଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାର



ଅନନ୍ୟ ପର୍ବ ସାବିତ୍ରୀ ଅମାବାସ୍ୟାରେ ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ମହିଳାମାନେ ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ବାରୁଣେଶ୍ୱର, ଭଞ୍ଜେଶ୍ୱର, ତାରିଣୀ ମନ୍ଦିର, ଶୀତଳା ମନ୍ଦିର, ରଘୁନାଥପୁର ଜଗନ୍ନାଥ ମନ୍ଦିର, ପୁଲିସ ଲାଇନ ମନ୍ଦିର ଆଦିରେ ଲମ୍ବା ଧାଡି ବାନ୍ଧି ମନ୍ଦିରରେ ଅପେକ୍ଷା କରିଥିଲେ। ବାରିପଦା ସହରର ପ୍ରମୁଖ ମନ୍ଦିର ସମେତ ଅନ୍ୟାନ୍ୟ ଧର୍ମାନୁଷ୍ଠାନରେ ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିଥିଲା। ହିନ୍ଦୁ ସଧବା ମହିଳା ହାତରେ ଶଙ୍ଖା ଓ ସିନ୍ଦୂର ସହ ନୂଆ ବସ୍ତ୍ର ନେଇ ପୂଜା କରିଥିଲେ। ମହିଳା ବ୍ରତଧାରୀ ସାବିତ୍ରୀ ବ୍ରତ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘାୟୁ ଜୀବନ କାମନା କରିଛନ୍ତି।

**କରଞ୍ଜିଆ:** ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଆଜି କରଞ୍ଜିଆ ସହର ସହ ଆଖପାଖ ଅଞ୍ଚଳରେ ଭକ୍ତି ଓ ପାରମ୍ପରିକତାର




ମନୋରମ ପରିବେଶ ଦେଖିବାକୁ ମିଳିଥିଲା। ସକାଳୁଠାରୁ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ସାବିତ୍ରୀ ବ୍ରତ ପାଳନରେ ବ୍ୟସ୍ତ ରହିଥିଲେ। ସ୍ୱାମୀଙ୍କ ଦୀର୍ଘାୟୁ ସୁସ୍ଥତା ଓ ପରିବାରର ସୁଖଶାନ୍ତି କାମନା କରି ମହିଳାମାନେ ଉପବାସ ରଖି ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ଘରେ ଘରେ ପୂଜା ମଣ୍ଡପ ସଜାଯାଇଥିବାବେଳେ, ଫଳ, ଫୁଲ, ଧୂପ, ଦୀପ ଓ ବିଭିନ୍ନ ପୂଜା ସାମଗ୍ରୀ ସହ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା। ଅନେକ ସ୍ଥାନରେ ମହିଳାମାନେ ବଟବୃକ୍ଷ ନିକଟରେ ଏକାଠି ହୋଇ ପୂଜା କରିବା ସହ ସାବିତ୍ରୀ-ସତ୍ୟବାନଙ୍କ କଥା ଶ୍ରବଣ କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ବୃକ୍ଷକୁ ସୂତା ବାନ୍ଧି ପରିବାରର ମଙ୍ଗଳ କାମନା କରାଯାଇଥିଲା।

**ଖୁଣ୍ଟ:** ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ହିନ୍ଦୁ ସଧବା ନାରୀଙ୍କ ଶ୍ରେଷ୍ଠ ବ୍ରତ 'ସାବିତ୍ରୀ ବ୍ରତ' ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଇଥାଏ। ସତୀ, ପତିବ୍ରତା ସାବିତ୍ରୀଙ୍କୁ ସ୍ମରଣ ସହିତ ତାଙ୍କର ସୁମହତ୍ ପନ୍ଥା ଅନୁସରଣ ହେଉଛି ଏହି ବ୍ରତ ପାଳନର ମୁଖ୍ୟ ଲକ୍ଷ୍ୟ। ପୌରାଣିକ କଥାବସ୍ତୁ ଅନୁସାରେ ସାବିତ୍ରୀ ମଦ୍ର ଦେଶର ରାଜା ଅଶ୍ୱପତିଙ୍କ କନ୍ୟା ସାବିତ୍ରୀ ଶାଲ୍ୱ ଦେଶର ନରପତି ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ। ସେହି ପତିବ୍ରତା ସାବିତ୍ରୀ ନିଜର ଭକ୍ତି, ନିଷ୍ଠା ଓ ଆତ୍ମବିଶ୍ୱାସ ପାଇଁ ଧର୍ମରାଜ ଯମଙ୍କ କବଳରୁ ନିଜ ଅଳ୍ପାୟୁ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବାରେ ସଫଳ ହୋଇଥିବାରୁ ସ୍ୱାମୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନ କାମନା କରି ସଧବା ନାରୀ ଏହି ବ୍ରତ ପାଳନ ପୂର୍ବକ ସାବିତ୍ରୀ, ସତ୍ୟବାନ ଓ ଯମଦେବଙ୍କୁ ପୂଜା କରିଥା'ନ୍ତି। ଏ ଅବସରରେ ଶୁକ୍ଳି ବ୍ଲକର ଗ୍ରାମାଞ୍ଚଳର ବ୍ରତଧାରୀ ମହିଳାମାନେ ଉପବାସ ରହି ପୂଜା ଡାଲାରେ ନୂଆ ଶାଢୀ, ଶଙ୍ଖା, ସିନ୍ଦୁର, ଅଳତା, ବିଭିନ୍ନ ଫଳମୂଳ ଓ ପୂଜା ସାମଗ୍ରୀନେଇ ଦେବାଳୟ ତଥା ବାସଗୃହମାନଙ୍କରେ ସାବିତ୍ରୀ ଉପାଖ୍ୟାନ ପାଠ ସହିତ ଏହି ନିଆରା ବ୍ରତ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାର ଦେଖିବାକୁ ମିଳିଛି।



# ସୋନ ପରେ ଶୁଖିଗଲାଣି ନାଲୁହା; ଚାଷ ପ୍ରଭାବିତ



କୁଆମରା, ୧୬।୫(ସମିସ)

ଗୋପବନ୍ଧୁନଗର ବ୍ଲକ ଦେଇ ସୋନ ଓ ନାଲୁହା ଦୁଇଟି ନଦୀ ପ୍ରବାହିତ ହୋଇଛି। ପୂର୍ବ ଅପେକ୍ଷା ଏହି ଦୁଇଟି ନଦୀର ଜଳଧାରଣ କ୍ଷମତା ଧିରେ ଧିରେ କମିବାରେ ଲାଗିଛି। ମାର୍ଚ୍ଚ ଶେଷ ବେଳକୁ ସୋନ ନଦୀ ଶୁଖିଲା ପଡ଼ିଥିବାବେଳେ ଏବେ ଏପ୍ରିଲ ବେଳକୁ ନାଲୁହା ନଦୀ ମଧ୍ୟ ଶୁଖିଗଲାଣି। ଫଳରେ ଚାଷ ପ୍ରଭାବିତ ହୋଇଛି।

ଶିମିଳିପାଳ ପାଦଦେଶରୁ ବାହାରିଥିବା ନାଲୁହା ନଦୀ ଖୁଣ୍ଟା ବ୍ଲକର ଡେଙ୍ଗାମ, କରକଚିଆ ଓ ଗଡ଼ି ଗାଁ ପଞ୍ଚାୟତ, ଗୋପବନ୍ଧୁନଗର ବ୍ଲକର ଶୀଳଘାଟି, ରାଣୀବନ୍ଧ, ପଶୁଦା, ପୁରୁଣା ବାରିପଦା ପ୍ରଭୃତି ପଞ୍ଚାୟତ ଦେଇ ଅତିକ୍ରମ କରି ଗଙ୍ଗାହାର ନଦୀରେ ଭୋଳପଦାଠାରେ ମିଶ୍ରଣ ହୋଇଛି। ଲୋକେ ଏହି ନଦୀର ପାଣିକୁ ନେଇ ନଦୀ ପାର୍ଶ୍ୱରେ ଥିବା ଜମିରେ ଶୀତ ଓ ଗ୍ରୀଷ୍ମଋତୁରେ ଚାଷ କରୁଛନ୍ତି। ଏହି ଦୁଇଟି ବ୍ଲକର ୮୦ ପ୍ରତିଶତ ଲୋକେ ବିଶେଷକରି ଚାଷ ଉପରେ ନିର୍ଭର କରନ୍ତି। ମୁଖ୍ୟ ଜୀବିକା ହେଉଛି ଚାଷ। ଜନସାଧାରଣଙ୍କ ଚାଷକାର୍ଯ୍ୟ ସାଙ୍ଗକୁ ନଦୀର ଉଠା ଜଳସେଚନ ଓ ପାନୀୟଜଳ ପ୍ରକଳ୍ପ ଆବଶ୍ୟକତା ପୂରଣ କରୁଛି। ତେବେ ଚାଷରୁ ଅମଳ ହେଉଥିବା ପରିବା ଉକ୍ତ ଅଞ୍ଚଳର ସାପ୍ତାହିକ ହାଟ ଭୋଲାଗୋଡିଆ, ଖୁଣ୍ଟା, କହ୍ନେଇବନ୍ଧ, ପୁରୁଣା ବାରିପଦା, କୁଆମରା, ମହୁଲିଆ, ରାଣୀ ବନ୍ଧ ପ୍ରଭୃତି ହାଟକୁ ଚଳାଇବା ସହ ବାହାରକୁ ମଧ୍ୟ ପଠାଯାଇଥାଏ। ମାତ୍ର ଚଳିତ ବର୍ଷ ଆବଶ୍ୟକ ବର୍ଷା ଅଭାବରୁ ନଦୀ ଶୁଖିଯିବା ଯୋଗୁଁ ଚାଷ ପ୍ରଭାବିତ ହେଉଛି। କେବଳ ଏତିକି ନୁହେଁ ମାଛ, ଅନ୍ୟାନ୍ୟ ଜଳଚର ପ୍ରାଣୀ, ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହେଉଛନ୍ତି। ତେବେ ନଦୀର ଜଳଧାରଣ କ୍ଷମତା କମିବାର ପ୍ରମୁଖ କାରଣ ହେଉଛି ବାଲି ଉତ୍ତୋଳନ। ବିଶେଷକରି ନଭେମ୍ବର ମାସରୁ ବାଲି ଉଠାଣ ହେବା ଯୋଗୁଁ ନଦୀର ଜଳଧାରଣ ଶକ୍ତି କମୁଛି। ବର୍ଷାଋତୁ ପରେ ନଦୀଗୁଡ଼ିକ ଶୁଖିଲା ପଡୁଛି। ଗ୍ରୀଷ୍ମଋତୁ ଆରମ୍ଭ ବେଳକୁ ଉପର ମୁଣ୍ଡାରେ ଚାଷୀମାନେ ନଦୀ ମଧ୍ୟରେ ଆଡ଼ିବନ୍ଧ ରଖି ପାଣିକୁ ଅଟକାଇବା ଯୋଗୁଁ ତଳକୁ ଯାଇପାରୁନାହିଁ ପାଣି। ଫଳରେ ତଳ ଅଞ୍ଚଳରେ ଚାଷୀ ଆଉ ଚାଷ ପ୍ରତି ମନ ବଳାଉ ନାହାଁନ୍ତି। ନଦୀର ଆଉ ବିଶେଷ ବାଲି ଦେଖିବାକୁ ମିଳୁନାହିଁ। ଯେଉଁଠି ବି ବାଲି ଅଛି ତାହା ମାଫିଆଙ୍କ କବଜାରେ। ଗୋଟିଏ ପଟେ ମାଫିଆ ବାଲି ଚୋରି କରି ମାଲେମାଲ ହେଉଥିବାବେଳେ ଅନ୍ୟପଟେ ଜଳ ଅଭାବରୁ ଚାଷୀକୁଳ ହତାଶ ହୋଇପଡ଼ିଛି। ଏତଦ୍‌ବ୍ୟତିତ ନଦୀ ଅବବାହିକାରେ ଥିବା ଜନବସତି ଏବେ ବିପଦ ମୁହାଁ। ବାଲି ଚାଲାଣକୁ ଯଦି ରୋକା ନ ଯାଏ, ତେବେ ଜନଜୀବନ ପ୍ରତି ବିପଦ ଦେଖା ଦେବା ସହ ଚାଷ କାର୍ଯ୍ୟ ବନ୍ଦ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ଜାତୀୟ ଡେଙ୍ଗୁ ଦିବସ ପାଳିତ

## ସଚେତନତା, ଚେକ୍, କ୍ଲିନ୍ ଓ କଭର୍ ଉପରେ ଗୁରୁତ୍ୱ




ବାରିପଦା, ୧୬।୫(ସମିସ): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିପିସିଏଚ୍ ସମ୍ମିଳନୀ କକ୍ଷରେ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଛି। ଚଳିତବର୍ଷ ଏହି ଦିବସର ମୂଳମନ୍ତ୍ର ରହିଛି ଡେଙ୍ଗୁ ନିୟନ୍ତ୍ରଣରେ ସହଭାଗିତା ଓ ଚେକ୍, କ୍ଲିନ୍, କଭର ଉପରେ ଗୁରୁତ୍ୱ। ଜିଲ୍ଲା ଅତିରିକ୍ତ ଜନସ୍ୱସ୍ଥ୍ୟ ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ସଭାରେ ଏଏନଏମଟିସି ବାରିପଦାର ପ୍ରାୟ ୪୦ ଜଣ ଛାତ୍ରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ପୌରପାଳିକାର ସ୍ୱାସ୍ଥ୍ୟ ପରିଦର୍ଶକ ଓ ଆଶା କର୍ମୀ ଯୋଗ ଦେଇଥିଲେ। ଏ ଅବସରରେ ଜନସାଧାରଣଙ୍କ ସଚେତନତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କେତେକ ଜରୁରୀ ଗାଇଡଲାଇନ ଜାରି କରାଯାଇଛି। ଯେପରି ଘରପାଖରେ ଥିବା ପାଣି ଟାଙ୍କି, ଏୟାର କୁଲର, ଫୁଲଦାନୀ ଇତ୍ୟାଦିକୁ ପ୍ରତି ୩-୪ ଦିନରେ ଥରେ ସଫା କରନ୍ତୁ। ପରିତ୍ୟକ୍ତ ଟାୟାର, କୋଲ୍ଡଡ୍ରିଙ୍କସ୍ ବୋତଲ, ନଡ଼ିଆ ସଢ଼େଇ ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। କାରଣ ଏଥିରେ ଡେଙ୍ଗୁ ବାହକ 'ଏଡିସ୍' ମଶା ଡିମ୍ବ ଦେଇଥାନ୍ତି। ଏଡିସ୍ ମଶା ସାଧାରଣତଃ ସକାଳ (୫ରୁ ୯ଟା) ଓ ଅପରାହ୍ନ (୩ରୁ ୫ଟା) ସମୟରେ କାମୁଡ଼ିଥା'ନ୍ତି। ତେଣୁ ଦିନ ହେଉ ବା ରାତି ଶୋଇବା ସମୟରେ ସବୁବେଳେ ମଶାରୀ ବ୍ୟବହାର କରନ୍ତୁ। ଜ୍ୱର ସହିତ ହାତ, ଗଣ୍ଠି ଓ ଆଖି ପଛପଟ ବିନ୍ଧିବା ଓ ଶରୀରରେ ଲାଲ୍ ଦାଗ ଦେଖାଦେବା ଏହାର ମୁଖ୍ୟ ଲକ୍ଷଣ। ଜ୍ୱର ଉପଶମ ପାଇଁ କେବଳ ପାରାସିଟାମଲ୍ ବଟିକା ଖାଆନ୍ତୁ। ଡାକ୍ତରଙ୍କ ପରାମର୍ଶ ବିନା ଅନ୍ୟକୌଣସି ପେନ୍-କିଲର୍ ବା ଔଷଧ ଖାଇବା ସ୍ୱାସ୍ଥ୍ୟ ପ୍ରତି ବିପଦଜନକ ହୋଇପାରେ ବୋଲି ଜିଲ୍ଲା ଅତିରିକ୍ତ ଜନସ୍ୱସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି। ଉପଯୁକ୍ତ ସଚେତନତା ଓ ସତର୍କତା ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି।

